# ଅଧ୍ୟାୟ -I

# ସାଧାରଣ

# ଅଧ୍ୟାୟ- I

## ସାଧାରଣ

## 1.1 ରାଜସ୍ୱ ପ୍ରାପ୍ତିର ଧାରା

ବର୍ଷ 2018-19 ପାଇଁ ରାଜ୍ୟ ରାଜସ୍ୱ ପ୍ରାପ୍ତିର ଅନ୍ତର୍ଭୁକ୍ତ ଥିଲା:

- ଓଡ଼ିଶା ସରକାରଙ୍କ ଦ୍ୱାରା ସଂଗୃହିତ କର ଏବଂ ଅଣ-କର ରାଜସ୍ୱ;
- ବିଭାଜ୍ୟ କେନ୍ଦ୍ରୀୟ କରର ସମୁଦାୟ ଆୟରୁ ରାଜ୍ୟର ଭାଗ;
- ରାଜ୍ୟକୁ ନ୍ୟସ୍ତ କରାଯାଇଥିବା ଶୁଳ୍କ ଏବଂ
- ଭାରତ ସରକାରଙ୍କ ଠାରୁ ପ୍ରାପ୍ତ ସହାୟକ ଅନୁଦାନ ।

2018-19 ବର୍ଷ ପାଇଁ ରାଜସ୍ୱ ପ୍ରାପ୍ତିର ବିଶଦ ବିବରଣୀ ସହିତ ବିଗତ ଚାରି ବର୍ଷର ସଂପୂର୍ଣ୍ଣ ଅନୁରୂପ ପ୍ରାପ୍ତିର ବିଶଦ ବିବରଣ ସାରଣୀ 1.1 ରେ ଦର୍ଶାଗଲା ।

**ସାରଣୀ 1.1: ରାଜସ୍ୱ ପ୍ରାପ୍ତିର ଧାରା**

**(ଟଙ୍କା କୋଟି ଆକାରରେ)**

| କ୍ର.ସଂ | ସବିଶେଷ ବିବରଣ | 2014-15 | 2015-16 | 2016-17 | 2017-18 | 2018-19 |
|---|---|---|---|---|---|---|
| 1 | ରାଜ୍ୟ ସରକାରଙ୍କ ଦ୍ୱାରା ସଂଗୃହିତ ରାଜସ୍ୱ | | | | | |
| | କର ରାଜସ୍ୱ | 19,828.29 | 22,526.96 | 22,852.39 | 27,913.80 | 30,318.33 |
| | ଅଣ-କର ରାଜସ୍ୱ | 8,070.87 | 8,711.24 | 8,043.10 | 8,367.99 | 14,256.40 |
| | **ମୋଟ** | **27,899.16** | **31,238.20** | **30,895.49** | **36,281.79** | **44,574.73** |
| 2 | **ଭାରତ ସରକାରଙ୍କ ଠାରୁ ପ୍ରାପ୍ତ** | | | | | |
| | ବିଭାଜ୍ୟ କେନ୍ଦ୍ରୀୟ କର ଓ ଶୁଳ୍କରୁ ରାଜ୍ୟର ନେଟ୍ ପ୍ରାପ୍ୟ[3] | 16,181.22 | 23,573.78 | 28,321.50 | 31,272.06 | 35,353.73 |
| | ସହାୟକ ଅନୁଦାନ | 12,917.50 | 14,129.46 | 15,082.40 | 17,619.94 | 19,597.53 |
| | **ମୋଟ** | **29,098.72** | **37,703.24** | **43,403.90** | **48,892.00** | **54,951.26** |
| 3 | ରାଜ୍ୟ ସରକାରଙ୍କର ମୋଟ ରାଜସ୍ୱ ପ୍ରାପ୍ତି (1ଏବଂ2) | **56,997.88** | **68,941.44** | **74,299.39** | **85,173.79** | **99,525.99** |
| 4 | **3** ରୁ **1** ର ପ୍ରତିଶତ | **48.95** | **45.31** | **41.58** | **42.60** | **44.79** |

**(ଉତ୍ସ: ଓଡ଼ିଶା ସରକାରଙ୍କ ବର୍ଷ 2018-19 ପାଇଁ ଆର୍ଥିକ ହିସାବ)**

ସମ୍ବଳ ସଂଗ୍ରହରେ ରାଜ୍ୟର କାର୍ଯ୍ୟ ଦକ୍ଷତାକୁ କର ରାଜସ୍ୱ ଏବଂ ଅଣ-କର ରାଜସ୍ୱ ଅନୁଯାୟୀ ନିର୍ଦ୍ଧାରଣ କରାଯାଇଥାଏ । କେନ୍ଦ୍ରୀୟ କର ଏବଂ ଅନୁଦାନ ସହାୟକ ରାଜ୍ୟର ଭାଗକୁ ଅନ୍ତର୍ଭୁକ୍ତ କରାଯାଇନାହିଁ ଯାହା ଅର୍ଥ ଆୟୋଗର ସୁପାରିଶ ଉପରେ ଆଧାରିତ ।

ଉପରୋକ୍ତ ସାରଣୀରୁ ଏହା ପରିଲକ୍ଷିତ ହେଲା ଯେ ରାଜ୍ୟର ସମୁଦାୟ ରାଜସ୍ୱରୁ ରାଜ୍ୟ ସରକାରଙ୍କ ରାଜସ୍ୱ ବର୍ଷ 2017-18 ରେ 42.60 ପ୍ରତିଶତ ଥିଲା ଯାହାକି ବର୍ଷ 2018-19 ରେ 44.79 ପ୍ରତିଶତକୁ ବୃଦ୍ଧି ପାଇଥିଲା ।

---

[3] ବିଶଦ ବିବରଣ 14: ବର୍ଷ 2018-19 ପାଇଁ ଓଡ଼ିଶା ସରକାରଙ୍କ ର ଆର୍ଥିକ ହିସାବରେ ମାଇନର ହେଡ୍ ଦ୍ୱାରା ରାଜସ୍ୱର ପୁଙ୍ଖାନୁପୁଙ୍ଖ ହିସାବ ଲଘୁଶୀର୍ଷ -901- ଅଧିନସ୍ଥ: ମେଜର ହେଡ୍ ଅଧିନରେ ରାଜ୍ୟକୁ ନ୍ୟସ୍ତ କରାଯାଇଥିବା ନେଟ୍ ପ୍ରାପ୍ୟ, 0005- କେନ୍ଦ୍ରୀୟ ଦ୍ରବ୍ୟ ଓ ସେବାକର (ସିଜିଏସ୍‌ଟି), 0008- ଅନ୍ତଃରାଷ୍ଟ୍ରୀୟ ଦ୍ରବ୍ୟ ଓ ସେବାକର(ଆଇଜିଏସ୍‌ଟି), 0020-ନିଗମ କର, 0021-ନିଗମ କର ବ୍ୟତୀତ ଆୟକର, 0028-ଆୟ ଏବଂ ବ୍ୟୟ ଉପରେ ଅନ୍ୟାନ୍ୟ କର, 0032-ସମ୍ପଦ କର, 0037-ସୀମା ଶୁଳ୍କ, 0038-କେନ୍ଦ୍ରୀୟ ଅବକାରୀ ଶୁଳ୍କ, 0044-ସେବା କର ଏବଂ 0045-ପଣ୍ୟ ଦ୍ରବ୍ୟ ଓ ସେବା ଜନିତ ଅନ୍ୟାନ୍ୟ କର ଓ ଶୁଳ୍କ ଗୁଡ଼ିକୁ ରାଜ୍ୟ ସରକାରଙ୍କ ଦ୍ୱାରା ସଂଗୃହୀତ ରାଜସ୍ୱ ମଧ୍ୟରୁ ବାଦ୍ ଦିଆଯାଇ ବିଭାଜ୍ୟ କେନ୍ଦ୍ରୀୟ କରରୁ ରାଜ୍ୟର ଅଂଶ ସ୍ୱରୁପ ଦର୍ଶାଯାଇଛି

### 1.1.1 ରାଜସ୍ୱ କର

ବର୍ଷ 2014-15 ଠାରୁ 2018-19 ପର୍ଯ୍ୟନ୍ତ ସଂଗୃହୀତ କର ରାଜସ୍ୱର ବିଶଦ ବିବରଣୀ ସାରଣୀ **1.2** ରେ ପ୍ରଦାନ କରାଗଲା ।

**ସାରଣୀ 1.2: ସଂଗୃହୀତ ରାଜସ୍ୱ କରର ବିଶଦ ବିବରଣୀ**

**(ଟଙ୍କା କୋଟି ଆକାରରେ)**

| କ୍ର.ସଂ. | ରାଜସ୍ୱ ଶୀର୍ଷ | 2014-15 | 2015-16 | 2016-17 | 2017-18 | 2018-19 | | 2017-18 ବର୍ଷ ତୁଳନାରେ 2018-19 ରେ ବୃଦ୍ଧି (+) କିମ୍ବା ହ୍ରାସ (-) ପ୍ରତିଶତ |
|---|---|---|---|---|---|---|---|---|
| | | | | | | ଆକଳନ | ବାସ୍ତବ | |
| 1 | ରାଜ୍ୟ ଦ୍ରବ୍ୟ ଏବଂ ସେବା କର (ଏସ୍‌ଜିଏସ୍‌ଟି) | -- | -- | -- | 6,609.27 | 12,000.00 | 11,942.59 | |
| 2 | ଓଡ଼ିଶା ବିକ୍ରୟ କର (ଓଏସ୍‌ଟି) ଏବଂ କେନ୍ଦ୍ରୀୟ ବିକ୍ରୟ କର (ସିଏସ୍‌ଟି) ସହ ଓଡ଼ିଶା ମୂଲ୍ୟଯୁକ୍ତ କର (ଓଭାଟ୍‌)) | 11,816.73 | 13,096.99 | 13,402.35 | 11,521.65 | 6,880.00 | 7,310.24 | 6.19 |
| 3 | ବିଦ୍ୟୁତ୍ କର ଓ ଶୁଳ୍କ | 1,722.60 | 1,212.21 | 1,637.14 | 1,969.74 | 2,700.00 | 3,257.66 | 65.39 |
| 4 | ଭୂ-ରାଜସ୍ୱ | 645.64 | 588.81 | 460.00 | 542.27 | 536.00 | 511.07 | (-)5.75 |
| 5 | ମୋଟର ଯାନ କର | 910.31 | 1,043.73 | 1,216.08 | 1,534.95 | 1,800.00 | 1,745.58 | 13.72 |
| 6 | ଦ୍ରବ୍ୟ ଓ ଯାତ୍ରୀ କର (ପ୍ରବେଶ କର) | 1,710.87 | 1,662.99 | 1,760.51 | 1,260.49 | 130.00 | 182.32 | (-)85.54 |
| 7 | ରାଜ୍ୟ ଅବକାରୀ | 2,035.24 | 2,546.94 | 2,786.02 | 3,220.99 | 3,899.98 | 3,925.12 | 21.86 |
| 8 | ଷ୍ଟାମ୍ପ ଶୁଳ୍କ ଓ ନିବନ୍ଧନ ଫି | 800.23 | 2,157.07 | 1,363.72 | 1,036.68 | 1,100.00 | 1,237.46 | 19.37 |
| 9 | ଅନ୍ୟାନ୍ୟ କର ଏବଂ ପଣ୍ୟ ଓ ସେବା ଜନିତ କର | 17.70 | 42.65 | 46.40 | 29.95 | 72.77 | 2.48 | (-)91.72 |
| 10 | ଆୟ ଏବଂ ବ୍ୟୟ, ବୃତ୍ତି, ବାଣିଜ୍ୟ ଏବଂ ନିଯୋଜନ ଉପରେ ଅନ୍ୟାନ୍ୟ କର | 168.97 | 175.57 | 180.17 | 187.81 | 199.99 | 203.81 | 8.52 |
| | **ମୋଟ** | **19,828.29** | **22,526.96** | **22,852.39** | **27,913.80** | **29,318.74** | **30,318.33** | **8.61** |

**(ଉତ୍ସ: ବର୍ଷ 2018-19 ପାଇଁ ଓଡ଼ିଶା ସରକାରଙ୍କ ଆର୍ଥିକ ହିସାବ ଏବଂ ବର୍ଷ 2019-20 ର ବାର୍ଷିକ ଆର୍ଥିକ ବିବରଣ)**

2018-19 ବର୍ଷ ପାଇଁ ରାଜ୍ୟର ମୋଟ ରାଜସ୍ୱ (99,525.99 କୋଟି ଟଙ୍କା)ର 30.46 ପ୍ରତିଶତ (30,318.33 କୋଟି ଟଙ୍କା) ରାଜସ୍ୱ କର ଥିଲା । ପୂର୍ବ ବର୍ଷ (27,913.80 କୋଟି ଟଙ୍କାର) ତୁଳନାରେ 2018-19 ରେ ରାଜ୍ୟ ସରକାରଙ୍କ ଦ୍ୱାରା 2404.53 କୋଟି ଟଙ୍କା (8.61 ପ୍ରତିଶତ) ଅଧିକ ସଂଗୃହିତ ହୋଇଥିଲା ଯାହାର ମୁଖ୍ୟ କାରଣ ଥିଲା କେନ୍ଦ୍ରୀୟ ବିକ୍ରୟ କର (ସିଏସ୍‌ଟି) (6.19 ପ୍ରତିଶତ), ମୋଟର ଯାନକର (13.72 ପ୍ରତିଶତ), ବିଦ୍ୟୁତ୍ କର ଏବଂ ଶୁଳ୍କ (65.39 ପ୍ରତିଶତ) ଏବଂ ରାଜ୍ୟ ଅବକାରୀ ପ୍ରାପ୍ତି (21.86 ପ୍ରତିଶତ) ସହ ଏସ୍‌ଜିଏସ୍‌ଟି ପ୍ରାପ୍ତିରେ ବୃଦ୍ଧି ।

ଅର୍ଥ ବିଭାଗ ଦର୍ଶାଇଲେ ଯେ ଏସ୍‌ଜିଏସ୍‌ଟି ଏବଂ ଭାଟ୍, ଓଏସ୍‌ଟି, ସିଏସ୍‌ଟି ଏବଂ ବୃତ୍ତିଗତ କର (ପିଟି) ଅଧିନିୟମ ଅଧିନରେ ସଂଗ୍ରହ ବୃଦ୍ଧିର ମୁଖ୍ୟ କାରଣ ଥିଲା ରାଜ୍ୟ ସରକାରଙ୍କ ଦ୍ୱାରା ବାଣିଜ୍ୟ ଓ ରାଜସ୍ୱ ବୃଦ୍ଧି ପାଇଁ ନିଆଯାଇଥିବା ପଦକ୍ଷେପ ।

ଦ୍ରବ୍ୟ ଓ ସେବା କର (ଜିଏସ୍‌ଟି)ର କାର୍ଯ୍ୟକାରୀ ହେବା ଯୋଗୁଁ ପ୍ରବେଶ କର ସଂଗ୍ରହ ହ୍ରାସ ପାଇଥିଲା । ଯେହେତୁ ପ୍ରବେଶ କର ଜିଏସ୍‌ଟି ନିୟମ ଅନୁଯାୟୀ କାର୍ଯ୍ୟକାରୀ କରାଯାଇଥିଲା ଏବଂ ଏହା କେବଳ ମାନବ ବ୍ୟବହାର ପାଇଁ ଉଦ୍ଦିଷ୍ଟ ମଦ ଏବଂ ପାଞ୍ଚଟି ତୈଳଜାତ ଦ୍ରବ୍ୟ ଯଥା-ପେଟ୍ରୋଲ, ହାଇସ୍ପିଡ୍ ଡିଜେଲ, ଅଶୋଧିତ ତେଲ, ପ୍ରାକୃତିକ ଗ୍ୟାସ ଏବଂ ଆଭିଏସନ୍ ଟରବାଇନ୍ ତେଲ ଉପରେ ସଂଗ୍ରହ କରାଯାଉଥିଲା ।

ବାଣିଜ୍ୟ ଓ ପରିବହନ ବିଭାଗ ଦର୍ଶାଇଲା ଯେ କର ଏବଂ ବକେୟା ଆଦାୟ ପ୍ରକ୍ରିୟାର ସୁଦୃଢ଼ୀକରଣ ହେବା ଯୋଗୁଁ ମୋଟର ଯାନ (ଏମ୍‌ଭି) କର ଆଦାୟରେ ବୃଦ୍ଧି ହୋଇଥିଲା ।

ବିଦ୍ୟୁତ୍ ବ୍ୟବହାରରେ ବୃଦ୍ଧି, ବିଦ୍ୟୁତ୍ ଶୁଳ୍କରେ ବୃଦ୍ଧି ଏବଂ ବିଦ୍ୟୁତ୍ ଶୁଳ୍କ ଆଦାୟ ପାଇଁ ପ୍ରଭାବୀ ପଦକ୍ଷେପ, ବିଦ୍ୟୁତ୍ କର ଓ ଶୁଳ୍କର ବୃଦ୍ଧିର କାରଣ ବୋଲି ସର୍ବୋଚ୍ଚ ଯନ୍ତ୍ରୀ (ବିଦ୍ୟୁତ୍) ଦର୍ଶାଇଲେ ।

## 1.1.2 ଅଣକର ରାଜସ୍ୱ

2014-15 ରୁ 2018-19 ଅବଧି ମଧ୍ୟରେ ସଂଗୃହୀତ ହୋଇଥିବା ଅଣ-କର ରାଜସ୍ୱର ସବିଶେଷ ବିବରଣ ସାରଣୀ **1.3** ରେ ଦର୍ଶାଗଲା ।

**ସାରଣୀ 1.3 : ସଂଗୃହୀତ ଅଣକର ରାଜସ୍ୱର ବିବରଣୀ**

**(ଟଙ୍କା କୋଟିଆକାରରେ)**

| କ୍ର.ସଂ. | ରାଜସ୍ୱ ଶୀର୍ଷକ | 2014-15 | 2015-16 | 2016-17 | 2017-18 | 2018-19 | | 2017-18 ବର୍ଷ ତୁଳନାରେ 2018-19 ରେ ବୃଦ୍ଧି (+) କିମ୍ବା ହ୍ରାସ(-)ପ୍ରତିଶତ |
|---|---|---|---|---|---|---|---|---|
| | | | | | | ଆକଳନ | ବାସ୍ତବ | |
| 1 | ଅଣ ଲୌହ ଖଣିଜ ଓ ଧାତବ ଶିଳ୍ପ | 5,310.09 | 5,798.96 | 4,925.79 | 6,130.99 | 8,000.00 | 10,479.61 | 70.93 |
| 2 | ସୁଧ ପ୍ରାପ୍ତି | 330.67 | 560.42 | 427.40 | 600.71 | 900.00 | 1,462.25 | 143.42 |
| 3 | ଜଙ୍ଗଲ ଓ ବନ୍ୟ ପ୍ରାଣୀ | 61.51 | 152.99 | 131.58 | 62.79 | 50.00 | 31.67 | (-)49.56 |
| 4 | ଜଳସେଚନ ଓ ଭୂ-ତଳ ଜଳ ପରିବହନ | 629.60 | 707.11 | 775.87 | 689.21 | 521.72 | 677.44 | (-)1.71 |
| 5 | ଅନ୍ୟାନ୍ୟ ପ୍ରଶାସନିକ ସେବା | 29.75 | 37.86 | 43.84 | 14.82 | 37.70 | 40.83 | 175.51 |
| 6 | ପୂର୍ତ୍ତ | 88.59 | 77.48 | 66.31 | 68.05 | 75.90 | 63.35 | (-)6.91 |
| 7 | ଆରକ୍ଷୀ ପ୍ରାପ୍ତି | 50.00 | 59.61 | 54.37 | 45.06 | 60.00 | 67.94 | 50.78 |
| 8 | ଶିକ୍ଷା | 18.87 | 66.89 | 30.79 | 23.88 | 40.00 | 25.93 | 8.58 |
| 9 | ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ | 33.15 | 52.70 | 50.83 | 57.79 | 34.90 | 49.85 | (-)13.74 |
| 10 | ବିବିଧ ସାଧାରଣ ସେବା | 118.84 | 192.08 | 383.91 | 239.87 | 208.18 | 419.13 | 74.73 |
| 11 | ଶକ୍ତି | 2.18 | 2.25 | 8.05 | 3.39 | 2.57 | 3.67 | 8.26 |
| 12 | ସମବାୟ | 2.56 | 2.50 | 3.16 | 6.09 | 3.33 | 4.03 | (-)33.83 |
| 13 | ଅନ୍ୟାନ୍ୟ ଅଣ-କର ପ୍ରାପ୍ତି | 1,395.06 | 1,000.40 | 1,141.21 | 425.34 | 987.91 | 930.70 | 118.81 |
| | **ମୋଟ** | **8,070.87** | **8,711.24** | **8,043.10** | **8,367.99** | **10,922.21** | **14,256.40** | **70.37** |

**(ଉତ୍ସ: ବର୍ଷ 2018-19 ପାଇଁ ଓଡ଼ିଶା ସରକାରଙ୍କ ଆର୍ଥିକ ହିସାବ ଏବଂ ବର୍ଷ 2019-20 ର ବାର୍ଷିକ ଆର୍ଥିକ ବିବରଣୀ)**

ପୂର୍ବ ବର୍ଷ ତୁଳନାରେ 2018-19 ଅବଧିରେ ଅଣ-କର ରାଜସ୍ୱ 70.37 ପ୍ରତିଶତ ବୃଦ୍ଧି ପାଇଥିଲା ।

ଅଣ-ଲୌହ, ଖଣିଜ ଓ ଧାତବ ଶିଳ୍ପ ଅଧିନରେ ଖଣିଜ ପ୍ରାପ୍ତି ବୃଦ୍ଧି (70.93 ପ୍ରତିଶତ) ପାଇଥିଲା ଯାହାର କାରଣ ଥିଲା ଲୁହା ପଥର ମୂଲ୍ୟରେ ବୃଦ୍ଧି ।

ଅନ୍ୟାନ୍ୟ ଅଣକର ଅଧିନରେ ପ୍ରାପ୍ତି ବୃଦ୍ଧି (930.70 କୋଟି ଟଙ୍କା) (118.81 ପ୍ରତିଶତ) ପାଇଥିଲା, ଯାହାର କାରଣ ଥିଲା ସରକାରୀ ଉଦ୍ୟୋଗ ଠାରୁ ଲାଭାଂଶ ଏବଂ ଲାଭରେ ବୃଦ୍ଧି ।

## 1.2 ବକେୟା ରାଜସ୍ୱର ବିଶ୍ଳେଷଣ

କିଛି ପ୍ରମୁଖ ରାଜସ୍ୱ ଶୀର୍ଷ ଯଥା ଓଡ଼ିଶା ଭାଟ୍, ପ୍ରବେଶ କର (ଇଟି) ଏବଂ ଖଣିଜ ପ୍ରାପ୍ତି ଠାରୁ 31 ମାର୍ଚ୍ଚ 2019 ସୁଦ୍ଧା 13,683.71 କୋଟି ଟଙ୍କା ବକେୟା ଥିଲା । ତନ୍ମଧ୍ୟରୁ, 5,717.34 କୋଟି ଟଙ୍କା ପାଞ୍ଚ ବର୍ଷରୁ ଅଧିକ ସମୟ ଧରି ଅନାଦାୟ ହୋଇ ପଡ଼ି ରହିଥିଲା, ଯାହାର ବିଶଦ ବିବରଣୀ ସାରଣୀ 1.4 ରେ ଗର୍ଶାଗଲା ।

**ସାରଣୀ 1.4: ବକେୟା ରାଜସ୍ୱ**

**(ଟଙ୍କା କୋଟିଆକାରରେ)**

| କ୍ର.ସଂ. | ରାଜସ୍ୱ ଶୀର୍ଷକ | 31 ମାର୍ଚ୍ଚ 2019 ସୁଦ୍ଧା ମୋଟ ବକେୟା ରାଶି | 31 ମାର୍ଚ୍ଚ 2019 ସୁଦ୍ଧା ପାଞ୍ଚ ବର୍ଷରୁ ଅଧିକ ସମୟ ବକେୟା ରାଶି | ବିଭାଗମାନଙ୍କର ଉତ୍ତର | |
|---|---|---|---|---|---|
| କ-ରାଜସ୍ୱ କର | | | | | |
| | 0040- ବିକ୍ରୟ, ବାଣିଜ୍ୟ ଇତ୍ୟାଦି ଉପରେ କର | | | | |
| 1. | ଓଡ଼ିଶା ଭାଟ୍ (ଓଏସ୍‌ଟି ଓ ସିଏସ୍‌ଟି ଅନ୍ତର୍ଭୁକ୍ତ କରି) | 8,162.74 | 2,931.56 | ବକେୟାର ବିବରଣୀ ବିଭାଗ ନିମ୍ନମତେ ଦର୍ଶାଇଲା: | |
| | | | | • କାରଣ ଦର୍ଶାଅ ନୋଟିସ୍ ଏବଂ ଜୋରିମାନା ଅନ୍ତର୍ଗତ ରାଶି | 2,505.77 |
| | | | | • ସ୍ଥଗିତ ରାଶି | |
| | | | | ବିଭାଗୀୟ କର୍ତ୍ତୃପକ୍ଷ/ ନ୍ୟାୟିକ କର୍ତ୍ତୃପକ୍ଷ | 5,044.87 |
| | | | | • କର ଅସୁଲି କାର୍ଯ୍ୟବିଧି ଅନ୍ତର୍ଗତ ଦାବି | 605.43 |
| | | | | • ସାମ୍ଭାବ୍ୟ ଅପଲିଖିତ ରାଶି | 6.67 |
| | 0042-ଦ୍ରବ୍ୟ ଓ ଯାତ୍ରୀ ଉପରେ କର | | | | |
| 2. | ପ୍ରବେଶ କର (ଇଟି) | 3,147.57 | 1,230.11 | ବକେୟାର ବିବରଣୀ ବିଭାଗ ନିମ୍ନମତେ ଦର୍ଶାଇଲା: | |
| | | | | • କାରଣ ଦର୍ଶାଅ ନୋଟିସ୍ ଏବଂ ଜୋରିମାନା ଅନ୍ତର୍ଗତ ରାଶି | 1,103.49 |
| | | | | • ସ୍ଥଗିତ ଅସୁଲି ରାଶି | |
| | | | | ବିଭାଗୀୟ କର୍ତ୍ତୃପକ୍ଷ/ ନ୍ୟାୟିକ କର୍ତ୍ତୃପକ୍ଷ | 2,000.41 |
| | | | | • ସାର୍ଟିଫିକେଟ୍ କାର୍ଯ୍ୟବିଧି ଅନ୍ତର୍ଗତ ରାଶି [4] | 43.60 |
| | | | | • ସାମ୍ଭାବ୍ୟ ଅପଲିଖିତ ରାଶି | 0.07 |
| | 0041--ଯାନ ଉପରେ କର | | | | |
| 3. | ଯାନ ଉପରେ କର | 290.78 | 144.95 | ବକେୟାର ବିବରଣୀ ବିଭାଗ ନିମ୍ନମତେ ଦର୍ଶାଇଲା: | |
| | | | | • ସାର୍ଟିଫିକେଟ/ କର ଅସୁଲି କାର୍ଯ୍ୟବିଧି ଅନ୍ତର୍ଗତ ଦାବି | 132.18 |
| | | | | • ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦ୍ୱାରା ସ୍ଥଗିତ ଅସୁଲି ରାଶି | 2.22 |
| | | | | • ନ୍ୟାୟାଳୟ ଦ୍ୱାରା ସ୍ଥଗିତ ଅସୁଲି ରାଶି | 4.77 |
| | | | | • ଅନ୍ୟାନ୍ୟ ସ୍ତର ଅନ୍ତର୍ଗତ | 5.77 |
| | 0039- ରାଜ୍ୟ ଅବକାରୀ | | | | |
| 4. | ରାଜ୍ୟ ଅବକାରୀ | 66.06 | -- | ବକେୟାର ବିବରଣୀ ବିଭାଗ ନିମ୍ନମତେ ଦର୍ଶାଇଲା: | |
| | | | | • ସର୍ବୋଚ୍ଚ ନ୍ୟାୟାଳୟ/ ଉଚ୍ଚ ନ୍ୟାୟାଳୟ ଦ୍ୱାରା ସ୍ଥଗିତ ଅସୁଲି ରାଶି | 52.19 |
| | | | | • ସାର୍ଟିଫିକେଟ/ କର ଅସୁଲି କାର୍ଯ୍ୟବିଧି ଅନ୍ତର୍ଗତ ଦାବି | 9.91 |
| | | | | • ଅନ୍ୟାନ୍ୟ ସ୍ତର ଅନ୍ତର୍ଗତ | 3.96 |
| ଖ- ଅଣ କର ରାଜସ୍ୱ | | | | | |
| 5. | ଖଣିଜ ପ୍ରାପ୍ତି | 2,016.56 | 1,410.72 | ବକେୟାର ବିବରଣୀ ବିଭାଗ ନିମ୍ନମତେ ଦର୍ଶାଇଲା: | |
| | | | | • ସାର୍ଟିଫିକେଟ ମାମଲା | 6.53 |
| | | | | • ସମ୍ଭାବ୍ୟ ଅପଲିଖିତ ରାଶି | 2.38 |
| | | | | • ନ୍ୟାୟାଳୟ | 1,857.58 |
| | | | | • ଅସୁଲି ଯୋଗ୍ୟ ରାଶି | 150.07 |
| | **ମୋଟ** | **13,683.71** | **5,717.34** | | |

**(ଉତ୍ସ: ସଂପୃକ୍ତ ବିଭାଗ ଗୁଡ଼ିକ)**

[4] ଜନସାଧାରଣଙ୍କ ଦାବି ଅସୁଲି ପାଇଁ ଜଣେ ସାର୍ଟିଫିକେଟ ଅଫିସରଙ୍କ କାର୍ଯ୍ୟବିଧି

ସାରଣୀ 1.4 ରୁ ଏହା ପରିଲକ୍ଷିତ ହେଲା ଯେ 5,717.34 କୋଟି ଟଙ୍କାର ଅସୁଲି ପାଞ୍ଚ ବର୍ଷରୁ ଅଧିକ ସମୟ ପର୍ଯ୍ୟନ୍ତ ପଡ଼ିରହିଥିଲା । ପୁନଶ୍ଚ, ଓଡ଼ିଶା ଭାଟ୍, ପ୍ରବେଶ କର ଏବଂ ମୋଟର ଯାନ କର ସଂପର୍କିତ ବିଭାଗୀୟ କର୍ତ୍ତୃପକ୍ଷ ନିକଟରେ ଅପିଲ ମାମଲା ଅଧୀନରେ 7,047.50 କୋଟି ଟଙ୍କା (51.50 ପ୍ରତିଶତ) ର ବକେୟା ପଡ଼ିରହିଥିଲା । ସେହିପରି, ଓଡ଼ିଶା ଭାଟ୍, ପ୍ରବେଶ କର, ମୋଟର ଯାନ କର, ଅବକାରୀ ଶୁଳ୍କ ଏବଂ ଖଣିଜ ପ୍ରାପ୍ତି ସଂପର୍କିତ କର ଅସୁଲି କାର୍ଯ୍ୟବିଧି ଅଧୀନରେ 797.65 କୋଟି ଟଙ୍କା (5.83 ପ୍ରତିଶତ) ବକେୟା ପଡ଼ି ରହିଥିଲା ।

## 1.3 ନିର୍ଦ୍ଧାରଣ ସମ୍ବନ୍ଧୀୟ ବକେୟା

ଓଡ଼ିଶା ମୂଲ୍ୟ ଯୁକ୍ତ କର (ଭାଟ୍) ଅଧିନିୟମ, 2005 ଅନୁଯାୟୀ ରିଟର୍ଣ୍ଣ ଦାଖଲ କରିବା ଠାରୁ ସାତ ବର୍ଷ ମଧ୍ୟରେ ଯଦି ଏକ ଡିଲରର କୌଣସି କର ନିର୍ଦ୍ଧାରଣ କରାଯାଇ ନଥାଏ, ତେବେ ସେହି ଡିଲର ଦାଖଲ କରିଥିବା ରିଟର୍ଣ୍ଣ ଅନୁସାରେ କର ନିର୍ଦ୍ଧାରିତ ହୋଇଛନ୍ତି ବୋଲି ବିବେଚନା କରାଯିବ । କେନ୍ଦ୍ରୀୟ ବିକ୍ରି କର (ସିଏସ୍‌ଟି) ଅଧିନିୟମ ଅଧୀନରେ ନିର୍ଦ୍ଧାରଣ ଚାରି ବର୍ଷ ମଧ୍ୟରେ ସମାପ୍ତ ହେବା ଆବଶ୍ୟକ । ଅର୍ଥ ବିଭାଗର ବାଣିଜ୍ୟ କର ଶାଖା ଦ୍ୱାରା 31 ମାର୍ଚ୍ଚ 2019 ସୁଦ୍ଧା ନିର୍ଦ୍ଧାରଣ ନ ହୋଇ ପଡ଼ିରହିଥିବା ମାମଲା ଗୁଡ଼ିକର ବିଶଦ ବିବରଣୀ ସାରଣୀ 1.5 ରେ ଦର୍ଶାଗଲା ।

**ସାରଣୀ 1.5: ନିର୍ଦ୍ଧାରଣ ସମ୍ବନ୍ଧୀୟ ବକେୟା**

(ସଂଖ୍ୟାରେ )

| ରାଜସ୍ୱ ଶୀର୍ଷକ | ପ୍ରାରମ୍ଭିକ ଅବଶେଷ | 2018-19 ରେ ନିର୍ଦ୍ଧାରଣ ହେବାକୁ ଥିବା ନୂତନ ମାମଲା | ମୋଟ ନିର୍ଦ୍ଧାରଣ ହେବାକୁ ଥିବା ମାମଲା | 2018-19 ରେ ଫଏସଲା ହୋଇଥିବା ମାମଲା | ବର୍ଷ ଶେଷ ସୁଦ୍ଧା ଅନ୍ତିମ ଅବଶେଷ | ଫଏସଲା ପ୍ରତିଶତ(ସ୍ତମ୍ଭ 5 ରୁ4) |
|---|---|---|---|---|---|---|
| *(1)* | *(2)* | *(3)* | *(4)* | *(5)* | *(6)* | *(7)* |
| ଓଡ଼ିଶା ବିକ୍ରି କର | 2,242 | 166 | 2,408 | 1,014 | 1,394 | 42.11 |
| କେନ୍ଦ୍ରୀୟ ବିକ୍ରି କର | 604 | 335 | 939 | 647 | 292 | 68.90 |
| ମୂଲ୍ୟ ଯୁକ୍ତ କର | 271 | 904 | 1,175 | 731 | 444 | 62.21 |
| ପ୍ରବେଶ କର | 74 | 620 | 694 | 388 | 306 | 55.91 |
| ବୃତ୍ତିଗତ କର | 37,359 | 29,585 | 66,944 | 32,473 | 34,471 | 48.51 |
| ମନୋରଞ୍ଜନ କର | 131 | 14 | 145 | 47 | 98 | 32.41 |

**(ଉତ୍ସ: ଅର୍ଥ ବିଭାଗର ବାଣିଜ୍ୟ କର ଶାଖା)**

31 ମାର୍ଚ୍ଚ 2019 ସୁଦ୍ଧା ପୂର୍ବତନ ଓଏସ୍‌ଟି ଅଧିନିୟମ ଅଧୀନରେ ବକେୟା ଥିବା ନିର୍ଦ୍ଧାରଣର ସଂଖ୍ୟା ସମ୍ପର୍କରେ ବିଭାଗ ଦ୍ୱାରା କୌଣସି ନିର୍ଦ୍ଦିଷ୍ଟ ସୂଚନା ପ୍ରଦାନ କରାଯାଇ ନଥିଲା ।

## 1.4 ବିଭାଗମାନଙ୍କ ଦ୍ୱାରା ସନ୍ଧାନ ହୋଇଥିବା କର ଫାଙ୍କି

31 ମାର୍ଚ୍ଚ 2019 ସୁଦ୍ଧା ଅର୍ଥ ବିଭାଗର ବାଣିଜ୍ୟ କର ଶାଖା ଦ୍ୱାରା ସନ୍ଧାନ କରାଯାଇଥିବା କର ଫାଙ୍କି ମାମଲାର ବିଶଦ ବିବରଣୀ ସାରଣୀ 1.6 ରେ ଦର୍ଶାଗଲା ।

**ସାରଣୀ 1.6: କର ଫାଙ୍କି**

(ଟଙ୍କା କୋଟି ଆକାରରେ)

| କ୍ର.ସଂ. | ରାଜସ୍ୱ ଶୀର୍ଷ | 31ମାର୍ଚ୍ଚ 2018 ସୁଦ୍ଧା ବାକିଥିବା ମାମଲା ସଂଖ୍ୟା | 2018-19 ରେ ସନ୍ଧାନ ହୋଇଥିବା ମାମଲା ସଂଖ୍ୟା | ମୋଟ | ନିର୍ଦ୍ଧାରଣ/ ଅନୁସନ୍ଧାନ ସରିଥିବା ମାମଲା ଏବଂ ଜୋରିମାନା ସହିତ ଅତିରିକ୍ତ ଦାବି ଇତ୍ୟାଦି ଉତ୍ଥାପନ ହୋଇଥିବା ମାମଲା ସଂଖ୍ୟା | | 31ମାର୍ଚ୍ଚ 2019ସୁଦ୍ଧା ଫଏସଲା ହେବାକୁ ବାକିଥିବା ମାମଲା ସଂଖ୍ୟା |
|---|---|---|---|---|---|---|---|
| | | | | | ମାମଲା ସଂଖ୍ୟା | ଦାବି ରାଶି | |
| 1 | ଜିଏସ୍‌ଟି | 0 | 18 | 18 | 2* | 0 | 16 |
| 2 | ଓଏସ୍‌ଟି | 26 | 0 | 26 | 0 | 0 | 26 |

| କ୍ର.ସଂ. | ରାଜସ୍ୱ ଶୀର୍ଷ | 31ମାର୍ଚ୍ଚ 2018 ସୁଦ୍ଧା ବାକିଥିବା ମାମଲା ସଂଖ୍ୟା | 2018-19 ରେ ସନ୍ଧାନ ହୋଇଥିବା ମାମଲା ସଂଖ୍ୟା | ମୋଟ | ନିର୍ଦ୍ଧାରଣ/ ଅନୁସନ୍ଧାନ ସରିଥିବା ମାମଲା ଏବଂ ଜୋରିମାନା ସହିତ ଅତିରିକ୍ତ ଦାବି ଇତ୍ୟାଦି ଉତ୍ଥାପନ ହୋଇଥିବା ମାମଲା ସଂଖ୍ୟା | | 31ମାର୍ଚ୍ଚ 2019ସୁଦ୍ଧା ଫଏସଲା ହେବାକୁ ବାକିଥିବା ମାମଲା ସଂଖ୍ୟା |
|---|---|---|---|---|---|---|---|
| | | | | | ମାମଲା ସଂଖ୍ୟା | ଦାବି ରାଶି | |
| 3 | ଇଟି | 48 | 17 | 65 | 63 | 4.87 | 2 |
| 4 | ଭାଟ୍ | 221 | 77 | 298 | 224 | 53.52 | 74 |
| 5 | ସିଏସ୍‌ଟି | 19 | 11 | 30 | 27 | 2.73 | 3 |
| ମୋଟ | | **314** | **123** | **437** | **316** | **61.12** | **121** |

**(ଉତ୍ସ: ଅର୍ଥ ବିଭାଗର ବାଣିଜ୍ୟିକ କର ଶାଖା)**

* ଜିଏସ୍‌ଟି ଅଧିନିୟମ ଅଧୀନରେ ସନ୍ଧାନ କରାଯାଇଥିବା ମାମଲା ।

ପ୍ରତ୍ୟାହୃତ ଓଏସ୍‌ଟି ଅଧିନିୟମ ସମ୍ପର୍କିତ 26 ଟି ନିର୍ଦ୍ଧାରଣ ମାମଲା କ୍ଷେତ୍ରରେ ପାଞ୍ଚ ବର୍ଷ ବିତି ଯାଇଥିଲେ ସୁଦ୍ଧା କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନଥିଲା । ଏହି ବିଷୟରେ ବିଭାଗ ଦ୍ୱାରା କୌଣସି ନିର୍ଦ୍ଦିଷ୍ଟ କାରଣ ପ୍ରଦାନ କରାଯାଇନଥିଲା ।

କମିଶନର, ବାଣିଜ୍ୟ କର ଓ ଜିଏସ୍‌ଟି ଓଡ଼ିଶା ବ୍ୟକ୍ତ କଲେ (ଡିସେମ୍ବର 2019) ଯେ, ନିର୍ଦ୍ଦେଶାଳୟରେ ବିଚାରାଧୀନ କର ଫାଙ୍କି ରିପୋର୍ଟ ପ୍ରତି ମାସରେ ପର୍ଯ୍ୟାଲୋଚନା କରାଯାଉଅଛି ଏବଂ ସମସ୍ତ ମଣ୍ଡଳକୁ ବିଚାରାଧୀନ ମାମଲାଗୁଡିକୁ 31 ମାର୍ଚ୍ଚ 2020 ସୁଦ୍ଧା ଫଏସଲା କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଅଛି ।

## 1.5 ବିଚାରାଧିନ ଅର୍ଥ ଫେରସ୍ତ ମାମଲା

31 ମାର୍ଚ୍ଚ 2019 ବିରାରାଧିନ ଅର୍ଥ ଫେରସ୍ତ ମାମଲା ଗୁଡ଼ିକୁ ସାରଣୀ 1.7 ରେ ଦର୍ଶାଗଲା ।

**ସାରଣୀ 1.7: ବିଚାରାଧୀନ ଅର୍ଥ ଫେରସ୍ତ ମାମଲାଗୁଡ଼ିକର ବିବରଣ**

**(ଟଙ୍କା କୋଟି ଆକାରରେ)**

| କ୍ର.ସଂ. | ସବିଶେଷ ବିବରଣୀ | ଓଡ଼ିଶା ମୂଲ୍ୟଯୁକ୍ତ କର/ ଓଡ଼ିଶା ବିକ୍ରୟ କର/ପ୍ରବେଶ କର | |
|---|---|---|---|
| | | ମାମଲା ସଂଖ୍ୟା | ପରିମାଣ |
| 1 | ବର୍ଷ ଆରମ୍ଭରେ ବାକିଥିବା ଦାବି | 587 | 165.46 |
| 2 | ଏହି ବର୍ଷ ପ୍ରାପ୍ତ ହୋଇଥିବା ଦାବି | 2,787 | 611.53 |
| | ମୋଟ **(1+2)** | **3,374** | **776.99** |
| 3 | ଏହି ବର୍ଷ ହୋଇଥିବା ଅର୍ଥ ଫେରସ୍ତ<br>(କ) ମଞ୍ଜୁରୀ ହୋଇଥିବା ଅର୍ଥ ଫେରସ୍ତ | 2,161 | 479.92 |
| | (ଖ) ଖାରଜ/ ବ୍ୟବସ୍ଥିତ ହୋଇଥିବା ଫେରସ୍ତ | 849 | 223.96 |
| | ମୋଟ **(କ+ ଖ)** | **3,010** | **703.88** |
| 4 | ବର୍ଷ ଶେଷ ସୁଦ୍ଧା ଅବଶେଷ | 364 | 73.11 |

**(ଉତ୍ସ; ଅର୍ଥ ବିଭାଗର ବାଣିଜ୍ୟ କର ଶାଖା)**

**ସାରଣୀ 1.7** ରୁ ଏହା ପରିଲକ୍ଷିତ ହେଲା ଯେ ବର୍ଷ 2018-19 ରେ ଓଡ଼ିଶା ଭାଟ୍/ଓଏସ୍‌ଟି/ଇଟି ସମ୍ପର୍କିତ 3,374 (89.19 ପ୍ରତିଶତ) ଫେରସ୍ତ ମାମଲା ମଧ୍ୟରୁ 3,010 ଟି ମାମଲା ଫଏସଲା ହୋଇଥିଲା ।

ଫଏସଲା ନ ହୋଇ ପାରିବା ସମ୍ପର୍କରେ କୌଣସି ନିର୍ଦ୍ଦିଷ୍ଟ କାରଣ ବିଭାଗ ପ୍ରଦାନ କରିପାରି ନଥିଲେ ତଥା ଅର୍ଥ ଫେରସ୍ତର ବିଳମ୍ବ ଯୋଗୁଁ 2018-19 ରେ ସରକାର ପ୍ରଦାନ କରିଥିବା ସୁଧ ବାବଦରେ କୌଣସି ତଥ୍ୟ ମଧ୍ୟ ପ୍ରଦାନ କରିନଥିଲେ । ବିଚାରାଧୀନ ଥିବା ମାମଲା (ବିଳମ୍ବର ଅବଧି ସହ) ସଂଖ୍ୟା ମଧ୍ୟ ବିଭାଗ ପ୍ରଦାନ କରି ନଥିଲା ।

ବିଭାଗ ବ୍ୟକ୍ତ କଲେ (ଡିସେମ୍ବର 2019) ଯେ ବିଚାରାଧୀନ ମାମଲା ସମ୍ପର୍କରେ ନିର୍ଦ୍ଦେଶାଳୟରେ ପ୍ରତି ମାସ ପର୍ଯ୍ୟାଲୋଚନା କରାଯାଉଅଛି ଏବଂ ସମସ୍ତ ମଣ୍ଡଳକୁ ବିଚାରାଧୀନ ମାମଲାଗୁଡ଼ିକୁ 31 ମାର୍ଚ୍ଚ 2020 ସୁଦ୍ଧା ଫଏସଲା କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଅଛି ।

## 1.6 ସମୀକ୍ଷାକୁ ପ୍ରତିଜବାବ

ସମୀକ୍ଷା ସିଦ୍ଧାନ୍ତଗୁଡ଼ିକୁ ସମୟାନୁଚିତ ପ୍ରତିଜବାବ ହେଉଛି ଉତ୍ତମ ଶାସନର ଏକ ଗୁରୁତ୍ୱପୂର୍ଣ୍ଣ ଗୁଣ କାରଣ ଏହା ନିଶ୍ଚିତ କରେ ଯେ ସରକାର ଏହାର ତଦାରଖକାରୀ ଭୂମିକାକୁ ଗମ୍ଭୀରତାର ସହ ନେଇଛନ୍ତି ।

### 1.6.1 ପୂର୍ବ ପ୍ରତିବେଦନ ଉପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ

ସମୀକ୍ଷାରେ ଦୃଷ୍ଟିଗୋଚର ହୋଇଥିବା ସାଙ୍ଘାତିକ ଅନିୟମିତତା ଗୁଡ଼ିକୁ, ରାଜ୍ୟ ବିଧାନ ସଭାରେ ଉପସ୍ଥାପିତ ହେଉଥିବା ଭାରତର ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକଙ୍କ ପ୍ରତିବେଦନରେ ଅନ୍ତର୍ଭୁକ୍ତ କରାଯାଏ । ପବ୍ଲିକ୍ ଆକାଉଣ୍ଟସ କମିଟିର ଆଭ୍ୟନ୍ତରୀଣ କାର୍ଯ୍ୟକାରୀ ପଦ୍ଧତି ଅନୁଯାୟୀ ସମୀକ୍ଷା ପ୍ରତିବେଦନରେ ଅନ୍ତର୍ଭୁକ୍ତ ଅନୁଚ୍ଛେଦ ଗୁଡ଼ିକ ଉପରେ ବ୍ୟାଖ୍ୟାତ୍ମକ ଟିପ୍ପଣୀ, ବିଧାନ ସଭାରେ ପ୍ରତିବେଦନ ଉପସ୍ଥାପନ ହେବା ଦିନ ଠାରୁ ତିନି ମାସ ମଧ୍ୟରେ ବିଭାଗ ଦାଖଲ କରିବେ ।

ଭାରତର ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକଙ୍କ ରାଜସ୍ୱ ପ୍ରାପ୍ତି/ ରାଜସ୍ୱ କ୍ଷେତ୍ର ପ୍ରତିବେଦନର 31 ମାର୍ଚ୍ଚ 2008 ରୁ 31 ମାର୍ଚ୍ଚ 2017 ପର୍ଯ୍ୟନ୍ତ ସମୁଦାୟ 402 ଟି ଅନୁଚ୍ଛେଦ, ଫେବୃଆରୀ 2009 ରୁ ମାର୍ଚ୍ଚ 2018 ମଧ୍ୟରେ ବିଧାନ ସଭାରେ ଉପସ୍ଥାପିତ ହୋଇଥିଲା । ମାର୍ଚ୍ଚ 2017 ସୁଦ୍ଧା ସମୀକ୍ଷା ପ୍ରତିବେଦନ ଗୁଡ଼ିକର ସମସ୍ତ ଅନୁଚ୍ଛେଦ ସମ୍ପର୍କିତ କାର୍ଯ୍ୟାନୁଷ୍ଠାନିତ ବ୍ୟାଖ୍ୟାତ୍ମକ ଟିପ୍ପଣୀ ସଂପୃକ୍ତ ବିଭାଗମାନଙ୍କ ଠାରୁ ପ୍ରାପ୍ତ ହୋଇଯାଇଅଛି ।

### 1.6.2 ବିଭାଗୱାରୀ ନିରୀକ୍ଷଣ ରିପୋର୍ଟଗୁଡ଼ିକର ବିବରଣ

ଜଡ଼ିତ ଥିବା ରାଜସ୍ୱ ପ୍ରାପ୍ତି ମୂଲ୍ୟ ସହ 30 ଜୁନ୍ 2019 ସୁଦ୍ଧା ବିଭାଗୱାରୀ ବଳକା ଥିବା ନିରୀକ୍ଷଣ ରିପୋର୍ଟ ଓ ସମୀକ୍ଷା ଅନୁଚ୍ଛେଦ ଗୁଡ଼ିକର ସବିଶେଷ ବିବରଣ ସାରଣୀ 1.8(କ) ଏବଂ 1.8(ଖ) ରେ ଦର୍ଶାଗଲା ।

**ସାରଣୀ 1.8 (କ): ନିରୀକ୍ଷଣ ରିପୋର୍ଟ(ରାଜସ୍ୱ ପ୍ରାପ୍ତି) ଗୁଡ଼ିକର ବିଭାଗୱାରୀ ବିବରଣ**

**(ଟଙ୍କା କୋଟି ଆକାରରେ)**

| କ୍ର.ସଂ. | ବିଭାଗର ନାମ | ପ୍ରାପ୍ତିର ପ୍ରକାର | ବଳକା ଆଇଆର ସଂଖ୍ୟା | ବଳକା ସମୀକ୍ଷା ସିଦ୍ଧାନ୍ତ ସଂଖ୍ୟା | ଜଡ଼ିତ ଅର୍ଥ ରାଶି |
|---|---|---|---|---|---|
| 1 | ଅର୍ଥ (ସିଟି) | ଓଏସ୍‌ଟି/ସିଏସ୍‌ଟି ସହ ଓଡ଼ିଶା ଭାଟ୍ | 919 | 2,322 | 2,908.03 |
| | | ଜିଏସ୍‌ଟି | 3 | 5 | 50.33 |
| | | ପ୍ରବେଶ କର | 356 | 653 | 805.85 |
| | | ବୃତ୍ତି କର | 17 | 23 | 17.43 |
| | | ମନୋରଞ୍ଜନ କର | 4 | 4 | 4.71 |
| 2 | ଅବକାରୀ | ରାଜ୍ୟ ଅବକାରୀ | 236 | 765 | 884.99 |
| 3 | ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା | ଷ୍ଟାମ୍ପ ଶୁଳ୍କ ଏବଂ ନିବନ୍ଧନ ଫି | 635 | 1,410 | 748.60 |
| 4 | ଇସ୍ପାତ୍ ଓ ଖଣି | ଖଣିଜ ପ୍ରାପ୍ତି | 171 | 491 | 19,444.13 |
| 5 | ବାଣିଜ୍ୟ ଓ ପରିବହନ | ଯାନ, ଦ୍ରବ୍ୟ ଏବଂ ଯାତ୍ରୀଙ୍କ ଉପରେ କର | 346 | 1,779 | 62.21 |
| | ମୋଟ | | **2,687** | **7,452** | **24,926.28** |

**(ଉତ୍ସ: ମହାଲେଖାକାର (ଆର୍ଥିକ ଓ ରାଜସ୍ୱ କ୍ଷେତ୍ର ଲେଖାପରୀକ୍ଷା)ଙ୍କ ଅଭିଲେଖ)**

ଓଏସ୍‌ଟି/ସିଏସ୍‌ଟି, ଜିଏସ୍‌ଟି, ପ୍ରବେଶକର, ବୃତ୍ତିଗତ କର ଏବଂ ମନୋରଞ୍ଜନ କର ସହ ଓଡ଼ିଶା ଭାଟ୍ ପ୍ରାପ୍ତି ଅନ୍ତର୍ଗତ ସମୀକ୍ଷା ସିଦ୍ଧାନ୍ତ ଗୁଡ଼ିକ କମ୍ କର ନିର୍ଦ୍ଧାରଣ, ତ୍ରୁଟିପୂର୍ଣ୍ଣ ବୈଧାନିକ ଫର୍ମ ଗ୍ରହଣ, ବିକ୍ରୟ/ କ୍ରୟର ଭୁଲ

ବିବରଣ ଯୋଗୁଁ କର ଛାଡ଼ ଏବଂ ଅନିୟମିତ ତଥା ଭୁଲ୍ ପ୍ରଦାନ କରାଯାଇଥିବା ଇନ୍‌ପୁଟ ଟ୍ୟାକ୍ସ କ୍ରେଡିଟ୍ ଇତ୍ୟାଦି ସମ୍ପର୍କିତ ଅଟେ ।

ଖଣିଜ ପ୍ରାପ୍ତି ଅଧିନରେ, 491 ଟି ବକେୟା ସମୀକ୍ଷା ସିଦ୍ଧାନ୍ତ, ଖଣିଜର କମ୍‌ତି ଉପରେ ରୟାଲିଟି, ସୁଧ ସହ ଅନିର୍ବାଯ୍ୟ ଅଧିଶେଷର ଅସୁଲି ନ ହେବା, ଧାତୁ ପଥରର ବେନିୟମ ଖନନ/ ନିଷ୍କାସନ ଉପରେ ରାଜସ୍ୱ ହାନୀ, ଖଣିଜର ବେନିୟମ ଖନନ ଯୋଗୁଁ ରୟାଲିଟି ଫାଙ୍କିବା ଇତ୍ୟାଦି ସମ୍ପର୍କିତ ଅଟେ ।

**ସାରଣୀ1.8 (ଖ): ନିରୀକ୍ଷଣ ରିପୋର୍ଟ(ବ୍ୟୟ)ର ବିଭାଗ-ୱାରୀ ବିବରଣ**

**(ଟଙ୍କା କୋଟି ଆକାରରେ)**

| କ୍ର.ସଂ. | ବିଭାଗର ନାମ | ବଳକା ଆଇଆର ସଂଖ୍ୟା | ବଳକା ସମୀକ୍ଷା ସିଦ୍ଧାନ୍ତ ସଂଖ୍ୟା | ଜଡ଼ିତ ଅର୍ଥ ରାଶି |
|---|---|---|---|---|
| 1 | ଅର୍ଥ (ସିଟି) | 130 | 198 | 0 |
| 2 | ଅବକାରୀ | 95 | 147 | 2.32 |
| 3 | ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା(ନିବନ୍ଧନ) | 280 | 409 | 1.83 |
| 4 | ଇସ୍ପାତ୍ ଓ ଖଣି | 13 | 102 | 46.45 |
| 5 | ବାଣିଜ୍ୟ ଓ ପରିବହନ(ପରିବହନ) | 178 | 294 | 65.28 |
| **ମୋଟ** | | **696** | **1,150** | **115.88** |

**(ଉତ୍ସ: ମହାଲେଖାକାର (ଆର୍ଥିକ ଓ ରାଜସ୍ୱ କ୍ଷେତ୍ର ଲେଖାପରୀକ୍ଷା)ଙ୍କ ଅଭିଲେଖ)**

## 1.6.3 ନିରୀକ୍ଷଣ ରିପୋର୍ଟ ଉପରେ ପ୍ରତିଜବାବ

ମହାଲେଖାକାର, ଓଡ଼ିଶା (ଆର୍ଥିକ ଏବଂ ରାଜସ୍ୱ କ୍ଷେତ୍ର ଲେଖା ପରୀକ୍ଷା), ଓଡ଼ିଶା (ଏଜି) ଙ୍କ ଦ୍ୱାରା ସରକାରୀ ବିଭାଗ ଗୁଡ଼ିକର ନିୟମିତ ନିରୀକ୍ଷଣ କରାଯାଏ । ଦେଣନେଣର ନମୁନା ଯାଞ୍ଚ ମାଧମରେ ବିଭିନ୍ନ ନିୟମ/ ନିୟମାବଳୀକୁ ପାଳନ କରିବା ବିଷୟରେ ନିଶ୍ଚିତ କରିବା ଏହି ନିରୀକ୍ଷଣର ଉଦ୍ଦେଶ୍ୟ ଅଟେ । ନିରୀକ୍ଷଣ ସମୟରେ ସନ୍ଧାନ କରାଯାଇଥିବା ଅନିୟମିତତା ଅନ୍ତର୍ଭୁକ୍ତ ଥିବା ଏବଂ ସେହି ସମୟରେ ବ୍ୟବସ୍ଥିତ ହୋଇନଥିବା ନିରୀକ୍ଷଣ ପ୍ରତିବେଦନ (ଆଇଆର) ଗୁଡ଼ିକୁ ସୀମୀକ୍ଷିତ କାର୍ଯ୍ୟାଳୟର ମୁଖ୍ୟଙ୍କୁ ଜାରି କରାଯାଏ । ବିଭାଗ /କାର୍ଯ୍ୟାଳୟର ମୁଖ୍ୟ ଉକ୍ତ ଆଇଆରରେ ଥିବା ସିଦ୍ଧାନ୍ତ ଗୁଡ଼ିକୁ ଯଥାଶୀଘ୍ର ଅନୁପାଳନ କରିବା, ତ୍ରୁଟିକୁ ସୁଧାରିବା ଆବଶ୍ୟକ । ନିରୀକ୍ଷଣ ରିପୋର୍ଟ ଜାରି ହେବା ତାରିଖ ଠାରୁ ଏକ ମାସ ମଧରେ ପ୍ରାରମ୍ଭିକ ଉତ୍ତର ଜରିଆରେ ଅନୁପାଳନକୁ ରିପୋର୍ଟ ପ୍ରଦାନ କରାଯିବ । ସଙ୍ଘାତିକ ଆର୍ଥିକ ଅନିୟମିତତା ଗୁଡ଼ିକୁ ବିଭାଗର ମୁଖ୍ୟ ଏବଂ ସରକାରଙ୍କୁ ସୂଚିତ କରାଯିବ ।

ଡିସେମ୍ବର 2018 ସୁଦ୍ଧା ଜାରି ହୋଇଥିବା ନିରୀକ୍ଷଣ ରିପୋର୍ଟ ପ୍ରକାଶ କଲା ଯେ 3,383 ଟି ନିରୀକ୍ଷଣ ରିପୋର୍ଟର 25,042.16 କୋଟି ଟଙ୍କା ଅନ୍ତର୍ଭୁକ୍ତ 8,602 ଟି ଅନୁଚ୍ଛେଦ ଜୁନ୍ 2019 ସୁଦ୍ଧା ପଡ଼ି ରହିଥିଲା । ବିଗତ ତିନି ବର୍ଷର ସବିଶେଷ ବିବରଣୀ ସାରଣୀ **1.8** ରେ ଦର୍ଶାଗଲା ।

**ସାରଣୀ1.8 : ବ୍ୟବସ୍ଥିତ ପାଇଁ ପଡ଼ିରହିଥିବା ନିରୀକ୍ଷଣ ରିପୋର୍ଟର ବିବରଣ**

| | ଜୁନ୍ **2017** | ଜୁନ୍ **2018** | ଜୁନ୍ **2019** |
|---|---|---|---|
| ମୀମାଂସା ହେବା ପାଇଁ ଥିବା ଆଇଆର ସଂଖ୍ୟା | 3,032 | 3,261 | 3,383 |
| ପଡ଼ିରହିଥିବା ସମୀକ୍ଷା ସିଦ୍ଧାନ୍ତ ସଂଖ୍ୟା | 7,549 | 7,775 | 8,602 |
| ଜଡ଼ିତ ରାଶି (କୋଟି ଟଙ୍କାରେ) | 22,976.92 | 24,236.15 | 25,042.16 |

**(ଉତ୍ସ: ମହାଲେଖାକାର (ଆର୍ଥିକ ଓ ରାଜସ୍ୱ କ୍ଷେତ୍ର ଲେଖାପରୀକ୍ଷା)ଙ୍କ ଅଭିଲେଖ)**

ଜୁନ୍ 2019 ସୁଦ୍ଧା, 2018-19 ରେ ଜାରି ହୋଇଥିବା 67ଟି ନିରୀକ୍ଷଣ ରିପୋର୍ଟର ପ୍ରାରମ୍ଭିକ ଉତ୍ତର, କାର୍ଯ୍ୟାଳୟ ମୁଖ୍ୟଙ୍କ ଠାରୁ, ନିରୀକ୍ଷଣ ରିପୋର୍ଟ ଜାରି ହେବାର ଏକ ମାସ ମଧରେ ଅଡିଟକୁ ପ୍ରାପ୍ତ ହୋଇନଥିଲା । ପ୍ରାରମ୍ଭିକ ଉତ୍ତର ପ୍ରାପ୍ତ ନ ହେବା କାରଣରୁ ନିରୀକ୍ଷଣ ରିପୋର୍ଟ ପଡ଼ିରହିଥିବା ସୂଚିତ କଲା ଯେ ସମୀକ୍ଷା ଦ୍ୱାରା

ସୂଚିତ ହୋଇଥିବା ତ୍ରୁଟି ଏବଂ ଅନିୟମିତତାର ସଂଶୋଧନ ପାଇଁ ସଂପୃକ୍ତ ଅଧିକାରୀଙ୍କ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନରେ ଅଭାବ ଥିଲା ।

ପ୍ରଧାନ ମହାଲେଖାକାର (ପିଏଜି)/ ମହାଲେଖାକାରଙ୍କ ଦ୍ୱାରା ଜାରି କରାଯାଇଥିବା ନିରୀକ୍ଷଣ ରିପୋର୍ଟ ଗୁଡ଼ିକର ପ୍ରାରମ୍ଭିକ ଉତ୍ତର ନିର୍ଦ୍ଧାରିତ ସମୟ ଏକ ମାସ ମଧ୍ୟରେ ପ୍ରଦାନ କରିବା ପାଇଁ ଏବଂ ସେହି ନିରୀକ୍ଷଣ ରିପୋର୍ଟ ଗୁଡ଼ିକରେ ଦର୍ଶାଯାଇଥିବା ସମୀକ୍ଷା ସିଦ୍ଧାନ୍ତ ଗୁଡ଼ିକୁ ମୀମାଂସା କରିବା ନିମନ୍ତେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସଂପୃକ୍ତ କାର୍ଯ୍ୟାଳୟ ମୁଖ୍ୟଙ୍କୁ ସରକାର ନିର୍ଦ୍ଦେଶ ପ୍ରଦାନ କରିବା ପାଇଁ ବିଚାର କରିପାରନ୍ତି ।

## 1.6.4 ବିଭାଗୀୟ ସମୀକ୍ଷା କମିଟି ବୈଠକ

ନିରୀକ୍ଷଣ ରିପୋର୍ଟ ଓ ସେଥିରେ ଦିଆଯାଇଥିବା ଅନୁଚ୍ଛେଦ ଗୁଡ଼ିକର ମୀମାଂସାର ପ୍ରଗତିକୁ ପର୍ଯ୍ୟାଲୋଚନା ଓ ତ୍ୱରାନ୍ୱିତ କରିବା ପାଇଁ ସରକାର, ବିଭାଗୀୟ ସମୀକ୍ଷା କମିଟି ଗଠନ କରିଥିଲେ । 2018-19 ବର୍ଷରେ ଅନୁଷ୍ଠିତ ହୋଇଥିବା ସମୀକ୍ଷା କମିଟି ବୈଠକ ଓ ମୀମାଂସିତ ଅନୁଚ୍ଛେଦ ଗୁଡ଼ିକର ବିବରଣୀ ସାରଣୀ 1.9 ରେ ଦର୍ଶାଗଲା ।

**ସାରଣୀ1.9: ବିଭାଗୀୟ ସମୀକ୍ଷା କମିଟି ବୈଠକର ବିବରଣ**

**(ଟଙ୍କା କୋଟି ଆକାରରେ)**

| କ୍ର.ସଂ. | ବିଭାଗର ନାମ | ଅନୁଷ୍ଠିତ ହୋଇଥିବା ବୈଠକ ସଂଖ୍ୟା | ମୀମାଂସା ହୋଇଥିବା ଅନୁଚ୍ଛେଦ ସଂଖ୍ୟା | ପରିମାଣ |
|---|---|---|---|---|
| 1 | ଅର୍ଥ (ସିଟି) | 0 | 0 | 0 |
| 2 | ବାଣିଜ୍ୟ ଓ ପରିବହନ(ପରିବହନ) | 7 | 67 | 1.57 |
| 3 | ଅବକାରୀ | 4 | 93 | 26.91 |
| 4 | ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା(ନିବନ୍ଧନ) | 5 | 82 | 0.15 |
| 5 | ଇସ୍ପାତ୍ ଓ ଖଣି | 7 | 49 | 0 |
| ମୋଟ | | **23** | **291** | **28.63** |

**(ଉତ୍ସ: ମହାଲେଖାକାର (ଆର୍ଥିକ ଓ ରାଜସ୍ୱ କ୍ଷେତ୍ର ଲେଖାପରୀକ୍ଷା)ଙ୍କ ଅଭିଲେଖ)**

ବର୍ଷ 2018-19 ରେ ଅର୍ଥ ବିଭାଗ (ସିଟି) କୌଣସି ବୈଠକ କରିନଥିଲେ ଯାହାକି ଏକ ସାଙ୍ଘାତିକ ବିଷୟ । ସରକାର, ସମୀକ୍ଷା କମିଟିର ବୈଠକ ନିୟମିତ ହେଉଥିବା ସୁନିଶ୍ଚିତ କରିବା ଉଚିତ୍ ।

ଏହି ବୈଠକ ସଞ୍ଚାଳନ ବାରମ୍ବାର କରି ପଦ୍ଧତିକୁ ସୁଦୃଢ଼ କରିବା ଏବଂ ଆଲୋଚନାକୁ ତ୍ୱରାନ୍ୱିତ କରିବା ଏବଂ ସମୀକ୍ଷା ସିଦ୍ଧାନ୍ତ ଗୁଡ଼ିକୁ ମୀମାଂସା କରିବା ପାଇଁ ଆବଶ୍ୟକୀୟ ପଦକ୍ଷେପ ନେବା ନିମନ୍ତେ ସଂପୃକ୍ତ ବିଭାଗକୁ ସରକାର ଉପଦେଶ ଦେଇ ପାରନ୍ତି ।

## 1.6.5 ସମୀକ୍ଷାରେ ପ୍ରତିବନ୍ଧକ

କର ରାଜସ୍ୱ / ଅଣ-କର ରାଜସ୍ୱ କାର୍ଯ୍ୟାଳୟ ଗୁଡ଼ିକର ସ୍ଥାନୀୟ ସମୀକ୍ଷା ନିମନ୍ତେ କାର୍ଯ୍ୟକ୍ରମ ଯଥେଷ୍ଟ ସମୟ ଆଗରୁ ପ୍ରସ୍ତୁତ କରାଯାଇ ଥାଏ । ସାଧାରଣତଃ ସମୀକ୍ଷା ଆରମ୍ଭ କରିବାର ଏକ ମାସ ପୂର୍ବରୁ ବିଭାଗ ଗୁଡ଼ିକୁ ପ୍ରାସଙ୍ଗିକ ଅଭିଲେଖଗୁଡ଼ିକୁ ଯାଞ୍ଚ ପାଇଁ ପ୍ରସ୍ତୁତ ରଖିବାକୁ ଜଣାଇ ଦିଆଯାଇଥାଏ ।

ବର୍ଷ 2018-19 ରେ 1,363.96 କୋଟି ଟଙ୍କା ଜଡ଼ିତ ଥିବା 1,160 ଟି କର ନିର୍ଦ୍ଧାରଣ ନଥିପତ୍ର, ରିଟର୍ଣ୍ଣ, ଅର୍ଥ ଫେରସ୍ତ ରେଜିଷ୍ଟର ଏବଂ ଅନ୍ୟାନ୍ୟ ପ୍ରାସଙ୍ଗିକ ଅଭିଲେଖ ସମୀକ୍ଷାକୁ ଯାଞ୍ଚ ନିମନ୍ତେ ଉପଲବ୍ଧ କରାଯାଇ ନଥିଲା । ଏହାର ବିଶଦ ବିବରଣୀ ସାରଣୀ 1.10 ରେ ଦର୍ଶାଗଲା ।

**ସାରଣୀ1.10 : ପ୍ରଦାନ କରାଯାଇ ନଥିବା ଅଭିଲେଖର ବିବରଣ**

**(ଟଙ୍କା କୋଟିଆକାରରେ)**

| ବିଭାଗର ନାମ | କର / ଅଣକର ରାଜସ୍ୱର ପ୍ରକାର | ସମୀକ୍ଷା ହେବାକୁ ଥିବା ବର୍ଷ | ସମୀକ୍ଷିତ ହୋଇନଥିବା ମାମଲା ସଂଖ୍ୟା | କର ପରିମାଣ |
|---|---|---|---|---|
| ଅର୍ଥ (ସିଟି) | ବିକ୍ରି , ବାଣିଜ୍ୟ ଇତ୍ୟାଦି ଉପରେ ଭାଟ୍ | 2017-18 ପର୍ଯ୍ୟନ୍ତ | 676 | 740.29 |
| | | 2018-19 | 484 | 623.67 |
| ମୋଟ | | | **1,160** | **1,363.96** |

**(ଉତ୍ସ: ମହାଲେଖାକାର (ଆର୍ଥିକ ଓ ରାଜସ୍ୱ କ୍ଷେତ୍ର ଲେଖାପରୀକ୍ଷା)ଙ୍କ ଅଭିଲେଖ)**

ଅନ୍ୟ ବିଭାଗମାନଙ୍କରେ ଅଭିଲେଖ ପ୍ରଦାନ କରା ନ ଯିବାର କୌଣସି ମାମଲା ନଥିଲା ।

## 1.6.6 ଡ୍ରାଫ୍ଟ ସମୀକ୍ଷା ଅନୁଚ୍ଛେଦ ପ୍ରତି ବିଭାଗମାନଙ୍କ ପ୍ରତିଜବାବ

ଭାରତର ମହାଲେଖା ନିୟନ୍ତ୍ରକ ତଥା ମହା ସମୀକ୍ଷକଙ୍କ ପ୍ରତିବେଦନରେ ଅନ୍ତର୍ଭୁକ୍ତ ହେବାକୁ ଥିବା ଡ୍ରାଫ୍ଟ ସମୀକ୍ଷା ଅନୁଚ୍ଛେଦ ଗୁଡ଼ିକୁ, ମହାଲେଖାକାରଙ୍କ ଦ୍ୱାରା ସପୃକ୍ତ ବିଭାଗର ପ୍ରମୁଖ ସଚିବ/ ସଚିବମାନଙ୍କୁ ସମୀକ୍ଷା ସିଦ୍ଧାନ୍ତ ଗୁଡ଼ିକ ପ୍ରତି ଧ୍ୟାନ ଆକର୍ଷଣ କରିବା ନିମନ୍ତେ ପ୍ରେରଣ କରାଯାଇଥିଲା । ସେମାନଙ୍କୁ ସେମାନଙ୍କର ଜବାବ ଛଅ ସପ୍ତାହ ମଧ୍ୟରେ ଦେବାକୁ ମଧ୍ୟ ଅନୁରୋଧ କରାଯାଇଥିଲା । ସଂପୃକ୍ତ ବିଭାଗ/ ସରକାର ସହିତ ବୈଠକ ମଧ୍ୟ କରାଯାଇଥିଲା ଏବଂ ସେମାନଙ୍କର ମତାମତ ଓ ପରବର୍ତ୍ତୀ ସମୟରେ ପ୍ରଦାନ କରାଯାଇଥିବା ଲିଖିତ ଉତ୍ତର ମଧ୍ୟ ଏଥିରେ ଅନ୍ତର୍ଭୁକ୍ତ କରାଯାଇଥିଲା । କିଛି ମାମଲାରେ ବିଭାଗ / ସରକାରଙ୍କ ପ୍ରତି ଜବାବ ବିନା ମଧ୍ୟ ଡ୍ରାଫ୍ଟ ସମୀକ୍ଷା ଅନୁଚ୍ଛେଦ ଅନ୍ତର୍ଭୁକ୍ତ କରାଯାଇଥିଲା ଯେହେତୁ ସଂପୃକ୍ତ ବିଭାଗ ଗୁଡ଼ିକ ଠାରୁ ପ୍ରତିଜବାବ ପ୍ରାପ୍ତ ହୋଇନଥିଲା ।

ଅଗଷ୍ଟ 2019 ରୁ ଅପ୍ରେଲ 2020 ମଧ୍ୟରେ ଅଡିଟ୍, 23 ଟି ଡ୍ରାଫ୍ଟ ସମୀକ୍ଷା ଅନୁଚ୍ଛେଦ ସଂପୃକ୍ତ ବିଭାଗଗୁଡ଼ିକର ପ୍ରମୁଖ ସଚିବ/ ସଚିବଙ୍କ ନିକଟକୁ ପଠାଇ ଯାଇଥିଲା । ସ୍ମାରକ ପତ୍ର ଜାରି କରିବା ସତ୍ତ୍ୱେ ସଂପୃକ୍ତ ବିଭାଗ ଗୁଡ଼ିକର ପ୍ରମୁଖ ସଚିବ/ ସଚିବମାନେ 14 ଟି ଡ୍ରାଫ୍ଟ[5] ଅନୁଚ୍ଛେଦର ଉତ୍ତର ଦେଇ ନଥିଲେ ଏବଂ ସେହି ଅନୁଚ୍ଛେଦଗୁଡ଼ିକୁ ସେମାନଙ୍କର ଉତ୍ତର ବିନା ଏହି ପ୍ରତିବେଦନର ଅନ୍ତର୍ଭୁକ୍ତ କରାଯାଇଅଛି ।

## 1.7 ସମୀକ୍ଷା ଦ୍ୱାରା ଉତ୍ଥାପିତ ବିଷୟକୁ ସମାଧାନ କରିବା ପାଇଁ ସଂକ୍ରିୟାର ବିଶ୍ଳେଷଣ

ସମକ୍ଷା ଦ୍ୱାରା ଉତ୍ଥାପିତ ବିଷୟକୁ ସମାଧାନ କରିବା ପାଇଁ ବିଭାଗ/ ସରକାରଙ୍କ ପଦ୍ଧତି ମଧ୍ୟରୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା (ଆର୍‌ଆଣ୍ଡଡିଏମ୍) ବିଭାଗର ପଦ୍ଧତିକୁ ବିଶ୍ଳେଷଣ କରାଯାଇଥିଲା । ବିଗତ 10 ବର୍ଷର ସମୀକ୍ଷା ପ୍ରତିବେଦନ ଗୁଡ଼ିକରେ ଅନ୍ତର୍ଭୁକ୍ତ ହୋଇଥିବା ଅନୁଚ୍ଛେଦ ଏବଂ ସମ୍ପାଦନ ସମୀକ୍ଷା ଉପରେ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ ଉପରେ ବିଶ୍ଳେଷଣ କରାଯାଇଥିଲା ।

## 1.7.1 ନିରୀକ୍ଷଣ ରିପୋର୍ଟ ଗୁଡ଼ିକର ସ୍ଥିତି

ବିଗତ 10 ବର୍ଷ ମଧ୍ୟରେ ଜାରି କରାଯାଇଥିବା ନିରୀକ୍ଷଣ ରିପୋର୍ଟ, ସେହି ରିପୋର୍ଟ ଗୁଡ଼ିକରେ ଅନ୍ତର୍ଭୁକ୍ତ ହୋଇଥିବା ଅନୁଚ୍ଛେଦ ସମୂହ ଏବଂ 31 ମାର୍ଚ୍ଚ 2019 ସୁଦ୍ଧା ସେଗୁଡ଼ିକର ସ୍ଥିତି ସମ୍ବନ୍ଧରେ ସଂକ୍ଷିପ୍ତ ସାରଣୀ 1.11 ରେ ବର୍ଣ୍ଣନା କରାଗଲା ।

**ସାରଣୀ1.11 : ନିରୀକ୍ଷଣ ରିପୋର୍ଟ ଗୁଡ଼ିକର ସ୍ଥିତି**

**(ଟଙ୍କା କୋଟି ଆକାରରେ)**

| କ୍ର.ସଂ. | ବର୍ଷ | ପ୍ରାରମ୍ଭିକ ଅବଶେଷ | | | ବର୍ଷ ମଧ୍ୟରେ ଯୋଗ | | | ବର୍ଷ ମଧ୍ୟରେ ନିଷ୍ପାଦିତ | | | ଅନ୍ତିମ ଅବଶେଷ | | |
|---|---|---|---|---|---|---|---|---|---|---|---|---|---|
| | | ନିରୀକ୍ଷଣ ରିପୋର୍ଟ ସଂଖ୍ୟା | ଅନୁଚ୍ଛେଦ ସଂଖ୍ୟା | ଅର୍ଥ ମୂଲ୍ୟ | ନିରୀକ୍ଷଣ ରିପୋର୍ଟ ସଂଖ୍ୟା | ଅନୁଚ୍ଛେଦ ସଂଖ୍ୟା | ଅର୍ଥ ମୂଲ୍ୟ | ନିରୀକ୍ଷଣ ରିପୋର୍ଟ ସଂଖ୍ୟା | ଅନୁଚ୍ଛେଦ ସଂଖ୍ୟା | ଅର୍ଥ ମୂଲ୍ୟ | ନିରୀକ୍ଷଣ ରିପୋର୍ଟ ସଂଖ୍ୟା | ଅନୁଚ୍ଛେଦ ସଂଖ୍ୟା | ଅର୍ଥ ମୂଲ୍ୟ |
| 1. | 2009-10 | 458 | 681 | 32,150.14 | 57 | 110 | 594.39 | 20 | 33 | 16.13 | 455 | 758 | 32,728.40 |
| 2. | 2010-11 | 495 | 758 | 32,728.40 | 27 | 60 | 236.20 | 8 | 30 | 44.85 | 514 | 790 | 32,919.75 |
| 3. | 2011-12 | 514 | 790 | 32,919.75 | 48 | 95 | 339.78 | 65 | 138 | 147.00 | 497 | 747 | 33,112.53 |
| 4. | 2012-13 | 497 | 747 | 33,112.53 | 65 | 139 | 341.75 | 68 | 176 | 19.83 | 494 | 710 | 33,434.45 |
| 5. | 2013-14 | 494 | 710 | 33,434.45 | 48 | 142 | 8,282.01 | 19 | 51 | 87.67 | 523 | 801 | 41,628.79 |
| 6. | 2014-15 | 523 | 801 | 41,629.00 | 40 | 154 | 3,102.60 | 5 | 32 | 3.18 | 558 | 923 | 44,728.42 |
| 7. | 2015-16 | 558 | 923 | 44,728.42 | 40 | 103 | 210.52 | 46 | 113 | 1,057.09 | 552 | 913 | 43,881.85 |
| 8. | 2016-17 | 552 | 913 | 43,881.85 | 50 | 179 | 347.33 | 28 | 92 | 79.74 | 574 | 1,000 | 44,149.44 |
| 9. | 2017-18 | 574 | 1,000 | 44,149.44 | 34 | 169 | 853.23 | 11 | 52 | 152.88 | 597 | 1,117 | 44,849.79 |
| 10. | 2018-19 | 597 | 1,117 | 44,849.79 | 61 | 210 | 426.18 | 17 | 132 | 164.00 | 641 | 1,195 | 45,111.97 |

**(ଉତ୍ସ: ମହାଲେଖାକାର (ଆର୍ଥିକ ଏବଂ ରାଜସ୍ୱ କ୍ଷେତ୍ର, ଲେଖା ପରୀକ୍ଷା)ଙ୍କ କାର୍ଯ୍ୟାଳୟରେ ଥିବା ତଥ୍ୟ)**

---

[5] ଅର୍ଥ (ସିଟି) -1, ରାଜ୍ୟ ଅବକାରୀ-5, ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା-5, ବାଣିଜ୍ୟ ଓ ପରିବହନ (ପରିବହନ)-3

ଆର୍‌ଆଣ୍ଡିଏମ୍ ବିଭାଗ ଅନ୍ତର୍ଗତ ସମୀକ୍ଷା ସିଦ୍ଧାନ୍ତ ଗୁଡ଼ିକ ଜମି ଓ କୋଠାର ଭୁଲ ବଜାର ମୂଲ୍ୟ ନିର୍ଦ୍ଧାରଣ ଏବଂ ପଟ୍ଟା ବିକ୍ରୟ ପାଇଁ ଚୁକ୍ତିନାମା ଏବଂ ଆଟର୍ଣ୍ଣିର କ୍ଷମତା ଉପରେ ଷ୍ଟାମ୍ପ ଶୁଳ୍କ ଓ ନିବନ୍ଧନ ଫି ର କମ୍ ବସାଣ କିମ୍ବା ବସାଣ ନ ହେବା ସମ୍ପର୍କିତ ଅଟେ ।

ପୁରାତନ ଅନୁଚ୍ଛେଦ ଗୁଡ଼ିକର ମୀମାଂସା କରିବା ପାଇଁ ଆରଆଣ୍ଡିଏମ୍ ବିଭାଗ ଏବଂ ମହାଲେଖାକାରଙ୍କ କାର୍ଯ୍ୟାଳୟ ମଧ୍ୟରେ ପ୍ରତିବର୍ଷ ସରକାର ବୈଠକ ଆୟୋଜନ କରନ୍ତି । 2018-19 ଅବଧିରେ, ବିଭାଗ ପାଞ୍ଚଟି ସମୀକ୍ଷା କମିଟି ବୈଠକ ଆୟୋଜନ କରିଥିଲେ ଯେଉଁଥିରେ 0.15 କୋଟି ଟଙ୍କା ଜଡ଼ିତ ଥିବା 82 ଟି ଅନୁଚ୍ଛେଦର ମୀମାଂସା ହୋଇଥିଲା । ବକେୟା ମାମଲାଗୁଡ଼ିକୁ ବିଚାରକୁ ନେଇ, ସମୀକ୍ଷା ଦ୍ୱାରା ଉତ୍ଥାପିତ ସିଦ୍ଧାନ୍ତ ଗୁଡ଼ିକୁ ମୀମାଂସା କରିବା ପାଇଁ ସଂଶୋଧିତ ପଦକ୍ଷେପ ନିଆଯିବା ଆବଶ୍ୟକ ।

## 1.7.2 ଗ୍ରହଣୀୟ ମାମଲା ଗୁଡ଼ିକ ଉପରେ ଅସୁଲି

ବିଗତ 10 ବର୍ଷର ସମୀକ୍ଷା ପ୍ରତିବେଦନ ଗୁଡ଼ିକରେ ଅନ୍ତର୍ଭୁକ୍ତ ହୋଇଥିବା ଅନୁଚ୍ଛେଦ ଏବଂ ଆର୍‌ଆଣ୍ଡିଏମ୍ ବିଭାଗ ଦ୍ୱାରା ଗ୍ରହଣ କରାଯାଇଥିବା ଏବଂ ଅସୁଲ କରାଯାଇଥିବା ପରିମାଣର ସ୍ଥିତି ସାରଣୀ 1.12 ରେ ଦର୍ଶାଗଲା ।

**ସାରଣୀ1.12 : ଗ୍ରହଣୀୟ ମାମଲା ଗୁଡ଼ିକର ଅସୁଲିର ବିବରଣ**

**(ଟଙ୍କା କୋଟି ଆକାରରେ)**

| ସମୀକ୍ଷା ପ୍ରତିବେଦନ ବର୍ଷ | ଅନ୍ତର୍ଭୁକ୍ତ ହୋଇଥିବା ଅନୁଚ୍ଛେଦ ଗୁଡ଼ିକର ସଂଖ୍ୟା | ଅନୁଚ୍ଛେଦ ଗୁଡ଼ିକର ଅର୍ଥ ମୂଲ୍ୟ | ଗ୍ରହଣ ହୋଇଥିବା ଅନୁଚ୍ଛେଦ ସଂଖ୍ୟା | ଗ୍ରହଣ ଅନୁଚ୍ଛେଦଗୁଡ଼ିକର ଅର୍ଥ ମୂଲ୍ୟ | ବର୍ଷ ମଧ୍ୟରେ ଅସୁଲି ପରିମାଣ | 31ମାର୍ଚ୍ଚ 2019ସୁଦ୍ଧା ଗ୍ରହଣୀୟ ମାମଲା ଗୁଡ଼ିକର ପୌନଃପୁନିକଃ ସ୍ଥିତି |
|---|---|---|---|---|---|---|
| 2008-09 | 2 | 49.57 | 0 | 0 | 0.01 | 0.01 |
| 2009-10 | 2 | 0.24 | 1 | 0.05 | 0 | 0 |
| 2010-11 | 1 | 0.46 | 1 | 0.46 | 0 | 0 |
| 2011-12 | 5 | 1.71 | 5 | 1.71 | 0.03 | 0.03 |
| 2012-13 | 5 | 135.75 | 3 | 1.95 | 0.22 | 0.22 |
| 2013-14 | 9 | 1,569.19 | 7 | 486.79 | 0.02 | 0.02 |
| 2014-15 | 4 | 344.73 | 0 | 0 | 0 | 0 |
| 2015-16 | 2 | 34.8 | 1 | 12.48 | 4.45 | 4.83 |
| 2016-17 | 2 | 68.67 | 0 | 0 | 0 | 0 |
| 2017-18 | 3 | 1.16 | 3 | 11.16 | 0.02 | 0.02 |

**(ଉତ୍ସ: ମହାଲେଖାକାର (ଆର୍ଥିକ ଓ ରାଜସ୍ୱ କ୍ଷେତ୍ର, ଲେଖା ପରୀକ୍ଷା) ଙ୍କ ତଥ୍ୟ ଏବଂ ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରଦତ୍ତ ଅନୁପାଳନ ଟୀପ୍ପଣୀ)**

ଗ୍ରହଣୀୟ ମାମଲାଗୁଡ଼ିକ ଉପରେ ଅସୁଲି ପ୍ରକ୍ରିୟା ମଧ ପ୍ରତିବର୍ଷ ବହୁତ ମନ୍ଥର ଥିଲା । ଗ୍ରହଣୀୟ ମାମଲାଗୁଡ଼ିକରେ ଅସୁଲି ସଂପୃକ୍ତ ସଭ୍ୟଙ୍କ ଠାରୁ ଅସୁଲ ଯୋଗ୍ୟ ବକେୟା ରୂପେ ଆଦାୟ କରାଯିବାର ଥିଲା । ବିଭାଗ/ ସରକାରଙ୍କ ଦ୍ୱାରା ଗ୍ରହଣୀୟ ମାମଲାର ଅନୁସରଣ ପ୍ରକ୍ରିୟା ପର୍ଯ୍ୟାପ୍ତ ନଥିଲା ଯାହାକି ଏହିପରି ମାମଲା ଗୁଡ଼ିକରେ ସମୟାନୁଚିତ କାର୍ଯ୍ୟାନୁଷ୍ଠାନ ନିଶ୍ଚିତ କରିବା ପାଇଁ ଦୃଢ଼ ହେବା ଉଚିତ୍ ।

## 1.8 ସମୀକ୍ଷା ଯୋଜନା

ବିଭିନ୍ନ ବିଭାଗ ଅଧିନସ୍ଥ ୟୁନିଟ୍ କାର୍ଯ୍ୟାଳୟଗୁଡ଼ିକୁ ସେମାନଙ୍କ ରାଜସ୍ୱ ସ୍ଥିତି, ସମୀକ୍ଷା ସିଦ୍ଧାନ୍ତର ପୂର୍ବ ଧାରା ଏବଂ ଅନ୍ୟାନ୍ୟ ମାପକାଠି ଅନୁସାରେ ଉଚ୍ଚ, ମଧ୍ୟମ ଏବଂ ନିମ୍ନ ରିସ୍କ ୟୁନିଟ୍ ରୂପେ ବିଭକ୍ତ କରାଯାଇଥାଏ । ରିସ୍କ ବିଶ୍ଳେଷଣକୁ ଆଧାର କରି ବାର୍ଷିକ ସମୀକ୍ଷା ଯୋଜନା ପ୍ରସ୍ତୁତ କରାଯାଇଥିଲା, ଯେଉଁଥିରେ ସରକାରୀ ରାଜସ୍ୱ ଓ କର ପ୍ରଶାସନରେ ଥିବା ସମାଲୋଚନାତ୍ମକ ବିଷୟଗୁଡ଼ିକୁ ଅନ୍ତର୍ଭୁକ୍ତ କରାଯାଇଥିଲା ।

ବର୍ଷ 2018-19 ରେ 530 ସମୀକ୍ଷା ଯୋଗ୍ୟ ୟୁନିଟ୍[6] ମଧ୍ୟରୁ 246ଟି ୟୁନିଟକୁ ଯୋଜନା ଅନ୍ତର୍ଭୁକ୍ତ କରାଯାଇଥିଲା । ଯୋଜନାରେ ଅନ୍ତର୍ଭୁକ୍ତ ଥିବା ସମସ୍ତ ୟୁନିଟକୁ ସମୀକ୍ଷା କରାଯାଇଥିଲା, ଯାହାକି ମୋଟ ସମୀକ୍ଷା ଯୋଗ୍ୟ ୟୁନିଟର 46.42 ପ୍ରତିଶତ ଅଟେ ।

## 1.9 ସମୀକ୍ଷାର ଫଳାଫଳ

**ବର୍ଷ ମଧ୍ୟରେ ସଞ୍ଚାଳିତ ହୋଇଥିବା ସ୍ଥାନୀୟ ସମୀକ୍ଷା ସ୍ଥିତି**

ବର୍ଷ 2018-19 ରେ ପାଞ୍ଚଟି ବିଭାଗ[7] ଅଧିନସ୍ଥ ଭାଟ୍, ପ୍ରବେଶ କର, ଦ୍ରବ୍ୟ ଓ ସେବା କର, ରାଜ୍ୟ ଅବକାରୀ ଶୁଳ୍କ, ଷ୍ଟାମ୍ପ ଶୁଳ୍କ ଓ ନିବନ୍ଧନ ଫି, ମୋଟର ଯାନକର ଓ ଅନ୍ୟାନ୍ୟ ଅଣକର ରାଜସ୍ୱ ପ୍ରାପ୍ତି, ସମ୍ବନ୍ଧୀୟ 352 ୟୁନିଟ୍ ମଧ୍ୟରୁ 170 ଟିର ନଥିପତ୍ର ନମୁନା ଯାଞ୍ଚ କରାଯାଇଥିଲା । 51,182ଟି ମାମଲାରେ 1066.28 କୋଟି ଟଙ୍କାର କମ୍ କର ନିର୍ଦ୍ଧାରଣ / ସ୍ୱଳ୍ପ କର ବସାଣ/ ରାଜସ୍ୱ ହାନି ହୋଇଥିବା ଅବଲୋକନ କରାଯାଇଥିଲା । ଏହି ବର୍ଷରେ ସମୀକ୍ଷା ଦ୍ୱାରା ସୂଚିତ ହୋଇଥିବା 48,864 ଟି ମାମଲା ରେ ଜଡ଼ିତ 479.43 କୋଟି ଟଙ୍କାର କମ୍ ନିର୍ଦ୍ଧାରଣ ଏବଂ ଅନ୍ୟାନ୍ୟ ଅନିୟମିତତାକୁ ସଂପୃକ୍ତ ବିଭାଗ ସ୍ୱୀକାର କରିଥିଲେ । ବର୍ଷ 2018-19 ରେ ସୂଚିତ ହୋଇଥିବା ମାମଲା ମଧ୍ୟରୁ 368 ଟି ମାମଲାରେ 21.85 କୋଟି ଟଙ୍କା ଅସୁଲ ହୋଇଥିଲା ଏବଂ ପୂର୍ବ ବର୍ଷ ଗୁଡ଼ିକରେ ସମୀକ୍ଷା ଦ୍ୱାରା ଦର୍ଶାଯାଇଥିବା ମାମଲା ମଧ୍ୟରୁ 18 ଟି ମାମଲାରେ 1.42 କୋଟି ଟଙ୍କା ଅସୁଲ ହୋଇଥିଲା ।

ସେହିପରି, ବର୍ଷ 2018-19 ରେ ଏହି ପାଞ୍ଚଟି ବିଭାଗର 170 ଟି ୟୁନିଟ୍‌ର ବ୍ୟୟ ସମ୍ବନ୍ଧୀୟ ନଥିପତ୍ର ଯାଞ୍ଚ କରାଯାଇଥିଲା । 207 ଟି ମାମଲାରେ ଜଡ଼ିତ 74.21 କୋଟି ଟଙ୍କାର ଅନିୟମିତ ଖର୍ଚ୍ଚ ତଥା ଦେୟ ହୋଇଥିବା ସମୀକ୍ଷାରେ ଦେଖିବାକୁ ମିଳିଥିଲା । ବର୍ଷ 2018-19 ଅବଧିରେ ସଂପୃକ୍ତ ବିଭାଗମାନେ 149 ଟି ମାମଲାରେ ପରିଲକ୍ଷିତ ହୋଇଥିବା 0.31 କୋଟି ଟଙ୍କାର ଅନିୟମିତତାକୁ ସ୍ୱୀକାର କରିଥିଲେ । ପୂର୍ବବର୍ତ୍ତୀ ବର୍ଷ ଗୁଡ଼ିକରେ ମାମଲା ମଧ୍ୟର ଚାରିଟି ମାମଲାରେ 0.37 କୋଟି ଟଙ୍କା ଅସୁଲ ହୋଇଥିଲା ।

## 1.10 ଏହି ପ୍ରତିବେଦନର ପରିସର

ଏହି ପ୍ରତିବେଦନରେ 2018-19 ରେ ହୋଇଥିବା ସ୍ଥାନୀୟ ସମୀକ୍ଷା ସିଦ୍ଧାନ୍ତରୁ ସନ୍ଧାନ କରାଯାଇଥିବା ତଥା ବିଗତ ବର୍ଷ ଗୁଡ଼ିକରେ ସନ୍ଧାନ କରାଯାଇ ସେହି ବର୍ଷର ପ୍ରତିବେଦନରେ ସ୍ଥାନିତ ହୋଇନଥିବା 21 ଟି ଅନୁଚ୍ଛେଦକୁ ଅନ୍ତର୍ଭୁକ୍ତ କରାଯାଇଅଛି ।

ଏହି ପ୍ରତିବେଦନରେ ସ୍ଥାନ ପାଇଥିବା ଅନୁଚ୍ଛେଦ ଗୁଡ଼ିକରେ 252.95 କୋଟି ଟଙ୍କା ଜଡ଼ିତ ଅଛି । 224.47 କୋଟି ଟଙ୍କା ଜଡ଼ିତ ଥିବା ସମୀକ୍ଷା ସିଦ୍ଧାନ୍ତକୁ ସରକାର ସ୍ୱୀକାର କରି 0.19 କୋଟି ଟଙ୍କା ଅସୁଲ କରିଥିଲେ । 29.45 କୋଟି ଟଙ୍କା ଜଡ଼ିତ ଥିବା ଅନୁଚ୍ଛେଦ ଗୁଡ଼ିକ ଉପରେ କୌଣସି ଉତ୍ତର ପ୍ରାପ୍ତ ହୋଇନଥିଲା (ଅକ୍ଟୋବର 2020) । ସେଗୁଡ଼ିକ ପରବର୍ତ୍ତୀ ଅଧ୍ୟାୟ-II ରୁ VI ରେ ଆଲୋଚନା କରାଯାଇଛି ।

## ସୁପାରିଶ:

1. **ରାଜସ୍ୱରେ ଥିବା ବକେୟା ଅସୁଲର ସ୍ଥିତିକୁ ବିଭାଗ ନିୟମିତ ଭାବେ ପର୍ଯ୍ୟାଲୋଚନା କରିବା ଆବଶ୍ୟକ । ବିଭାଗୀୟ କର୍ତ୍ତୃପକ୍ଷଙ୍କ ଅଧିନସ୍ଥ ଅପିଲ୍ ମାମଲାରେ ଡଡ଼ିତ ଥିବା 7,047.50 କୋଟି ଟଙ୍କା (51.50 ପ୍ରତିଶତ) ର ବକେୟା ସରକାରଙ୍କ ନିୟନ୍ତ୍ରଣରେ ଅଛି ଏବଂ ଏହାକୁ ତ୍ୱରାନ୍ୱିତ କରାଯାଇ ପାରିବ ।**

2. **ବର୍ଷ 2018-19 ପ୍ରାରମ୍ଭରେ ଥିବା ବକେୟା ଦାବି ଗୁଡ଼ିକୁ ସ୍ୱତନ୍ତ୍ର ଧ୍ୟାନ ଦିଆଯାଇ ଅର୍ଥ ଫେରସ୍ତ ମାମଲା ଗୁଡ଼ିକୁ ବିଭାଗ ତ୍ୱରାନ୍ୱିତ କରିପାରନ୍ତି ।**

---

[6] 530 ୟୁନିଟ୍ ଯଥା ଅର୍ଥ (ସିଟି)-58, ରାଜ୍ୟ ଅବକାରୀ-37, ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା -183, ବାଣିଜ୍ୟ ଓ ପରିବହନ(ପରିବହନ)-76, ଇସ୍ପାତ ଓ ଖଣି ବିଭାଗ -44 ଏବଂ ଜଙ୍ଗଲ ଓ ପରିବେଶ ବିଭାଗ 132 ୟୁନିଟ୍

[7] ଅର୍ଥ (ସିଟି), ରାଜ୍ୟ ଅବକାରୀ, ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା, ବାଣିଜ୍ୟ ଓ ପରିବହନ(ପରିବହନ) ଏବଂ ଇସ୍ପାତ ଓ ଖଣି ବିଭାଗ

3. ସମୀକ୍ଷା ଦ୍ୱାରା ଅନୁରୋଧ କରାଯାଇଥିବା ତଥ୍ୟ, ସୂଚନା ଏବଂ ଦସ୍ତାବିଜକୁ ଆଗୁଆ ହେଉ କିମ୍ବା ସମୀକ୍ଷା ସମୟରେ ଏବଂ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଅନୁପାଳନ କରିବା ସମୀକ୍ଷିତ ସତ୍ତାର ଦାୟିତ୍ୱରେ ଥିବା ଅଧିକାରୀଙ୍କ ଆଇନଗତ ଦାୟିତ୍ୱ ଅଟେ । ସରକାର ଏହା ସୁନିଶ୍ଚିତ କରିପାରନ୍ତି ଯେ ବିଭାଗୀୟ ଅଧିକାରୀମାନେ ସମୀକ୍ଷାକୁ ସର୍ବଦା ଦସ୍ତାବିଜ ଉପଲବ୍ଧ କରାଇବେ ଏବଂ ଉପଲବ୍ଧ କରାଇବାରେ ବିଫଳ ହେଲେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଆବଶ୍ୟକ ।

4. ସମୀକ୍ଷା ସିଦ୍ଧାନ୍ତ, ଡ୍ରାଫ୍ଟ ସମୀକ୍ଷା ଅନୁଚ୍ଛେଦ ଉପରେ ତୁରନ୍ତ ଓ ଉପଯୁକ୍ତ ପ୍ରତିଜବାବ ପାଇଁ ଏକ ପ୍ରଭାବୀ ପ୍ରକ୍ରିୟାର ବ୍ୟବସ୍ଥା କରିପାରନ୍ତି ଏବଂ ଆବଶ୍ୟକୀୟ ଓ ସମୟାନୁବର୍ତ୍ତୀ ସଂଶୋଧିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରନ୍ତି ।

5. ସ୍ୱୀକୃତ ମାମଲାଗୁଡ଼ିକ ଉପରେ ଅସୁଲିର ପ୍ରଗତିକୁ ଅଗ୍ରାଧିକାର ସହ ସରକାର ପର୍ଯ୍ୟାଲୋଚନା କରିପାରନ୍ତି ଏବଂ ଅସୁଲିକୁ ସୁନିଶ୍ଚିତ କରିବା ପାଇଁ ସ୍ୱତନ୍ତ୍ର ପ୍ରୟାସ କରିପାରନ୍ତି ।